# Akashvani, Sambalpur

## SAMBALPURI NEWS EVENING BULLETIN

## 13 June 2025- 7.02 pm- 7.12 pm.

*********************************************

୧- ଅହମ୍ମଦାବାଦ୍ ବିମାନ୍ ଦୁର୍ଘଟଣାଥି ଆହତ୍ ଲୁକ୍‌କୁ ଭେଟ୍‌ଲେ ପ୍ରଧାନ୍‌ମନ୍ତ୍ରୀ ।

- ଦୁର୍ଘଟଣାକେ ନେଇକରି ମନ୍ତ୍ରୀ ଆଉ ଅଧିକାରୀମାନ୍‌କର୍ ସାଙ୍ଗେ କଲେ ଆଲୋଚନା ।

୨- ରାଏଜେ ମହିଳାମାନ୍‌କର୍ ସୁରକ୍ଷା ଆଉ ସଶକ୍ତିକରଣ୍ ଦିଗେ କାମ୍ କରୁଛନ୍ ସର୍‌କାର୍ - କହେଲେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟର୍ ୧୧ ଟା ଜିଲ୍ଲା ନ ୩ ହଜାର୍ ୮ ଶହ ୭୮ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ପ୍ରସ୍ତାବ୍‌କେ ସର୍‌କାର୍‌ଙ୍କର୍ ମଞ୍ଜୁରୀ ।

୪- ଲିଜ୍ ଜମିର୍ କନ୍‌ଭର୍‌ସେସନ୍ ଫି’ ୧୦ ନୁ ୩ ପ୍ରତିଶତ୍‌କେ କମ୍ କଲେ ରାଜ୍ୟ ସର୍‌କାର୍ ।

ଆଉର୍

୫- କମ୍ ଦାମ୍‌ଥି ରାସନ୍ ସାମଗ୍ରୀ ଯୁଗାବାର୍ ଲାଗି ରାଜ୍ୟର୍ ଫି’ ପଂଚାୟତ୍ ନ ଖୁଲ୍‌ବା ଜନପୋଷଣ କେନ୍ଦ୍ର ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲେ ଅହମ୍ମଦାବାଦ୍ ଯାଇକରି ଏୟାର୍ ଇଣ୍ଡିଆ ବିମାନ ଦୁର୍ଘଟ୍ନାଥି ଖଣିଆ ଖାବ୍ରା ହେଇଥିବା ଲୁକ୍କୁ ଭେଟିଛନ୍ । ଦୁର୍ଘଟ୍ନାନୁ ବଁଚି ଯାଇଥିବା ଏକ୍ଲା ଯାତ୍ରୀ ବିଶ୍ୱାସ କୁମାରଙ୍କୁ ଡାକ୍ତରଖାନା ନ ଭେଟିକରି ସ୍ୱାସ୍ଥ୍ୟ ଅବସ୍ଥା ପଚ୍ରେଇ ବୁଝିଛନ୍ । ଦୁର୍ଘଟଣା ଜାଗାକେ ଯାଇକରି ଥିତି ଅନୁଧ୍ୟାନ୍ କର୍ବାର୍ ସହେତେ ଅହମ୍ମଦାବାଦ ବିମାନ ବନ୍ଦର୍ଠାନେ ରାଜ୍ୟର୍ ମନ୍ତ୍ରୀ ଆଉ ଅଧିକାରୀମାନଙ୍କୁ ଉଦ୍ଧାର କାମ୍ ବାବ୍ଦେ ଆଲୋଚନା କରିଛନ୍ । ତାର୍ ଉତ୍ରୁ ଦୁର୍ଘଟ୍ନାଥି ମୃତ୍ୟୁ ହେଇଥିବା ଗୁଜରାଟ୍ର ଆଘର ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀଙ୍କର ପରିବାର୍ ଲୁକ୍କୁ ଭେଟିକରି ପ୍ରଧାନମନ୍ତ୍ରୀ ସମବେଦନା ଜନେଇଛନ୍ ।

ସେଆଡ଼େ ଦୁର୍ଘଟ୍ନା ଜାଗାନୁ ଗୁଜରାଟ ଆତଙ୍କ ନିରୋଧୀ ସ୍କ୍ୱାଡ୍ -ଏଟିଏସ୍ ବିମାନ୍ର ଡିଜିଟାଲ୍ ଭିଡିଓ ରେକ୍ର୍ଡ କରିଥିବା ବ୍ଲାକ୍ ବକ୍ସକେ ଉଦ୍ଧାର୍ କରିଛେ । ଇତାର୍ ଜରିଏ ଦୁର୍ଘଟଣାର୍ ଅସଲ୍ କାରଣ ଜଣାପଡ଼୍ବା ବଲି ଆଶ୍ କରାଯାଉଛେ ।

ସୂଚ୍ନା ଅନ୍ସାରେ ଏୟାର୍ ଇଣ୍ଡିଆର୍ ବୋଇଂ ୭୮୭-୮ ବିମାନ୍ ଅହମ୍ମଦାବାଦ ବିମାନ ବନ୍ଦରନୁ ଯାତ୍ରା ମୁଲ୍ କର୍ବାର୍ ୪୦ ମିନିଟ୍ ଉତ୍ରୁ ଦୁର୍ଘଟଣାଗ୍ରସ୍ତ ହେଇଥିଲା । ଇଥି ଯାତ୍ରୀ ଆଉ ବିମାନ ପରିଚାଳନା ସଦସ୍ୟଙ୍କୁ ମିଶେଇକରି ୨୪୧

ଝନ୍‌ଙ୍କର୍ ଜୀବନ୍ ଯାଇଥିବା ଏୟାର୍ ଇଣ୍ଡିଆ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ନାରୀ ଶକ୍ତି ସମାବେଶ୍ I &PR

ରାଏଜେ ମହିଲାମାନ୍‌କର ସୁରକ୍ଷା ସୁନିଶ୍ଚିତ୍ କର୍‌ବାର ସଙ୍ଗେ ସେମାନଙ୍କୁ ବର୍‌କସ୍ କର୍‌ବାର ଦିଗେ ସରକାର କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । କଟକ ବାଏଲ୍‌ଯାତ୍ରା ପଡ଼ିଆଠାନେ ନାରୀ ଶକ୍ତି ସମାବେଶ୍‌କେ ଉଦ୍‌ଘାଟନ୍ କରି କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଜ୍ୟ ସରକାର ମହିଲାଙ୍କର୍ ଶକ୍ତି ଆଉ ସମ୍ଭାବନାକେ ଉଛବ୍ ଭାବେ ପାଲନ୍ କରୁଛନ୍ । ଓଡ଼ିଶାର୍ ନାରୀ ଶକ୍ତିକେ ସବୁନୁ ଶ୍ରେଷ୍ଠ ଶକ୍ତି ବନାବାର୍‌ଟା ଇ ସମାବେଶ୍‌ର ଲକ୍ଷ୍ୟ ଆଏ । ଲକ୍ଷପତି ଦିଦି ତିଆର୍ କର୍‌ବାରେ ଓଡ଼ିଶା ଦେଶେ ଏକ୍ ନମ୍ବର ହେଇକରି ନୂଆ ମାଇଲ୍‌ଖୁଂଟା ଥାପ୍‌ନା କରିଛେ । ସୁଭଦ୍ରା ଯୋଜ୍‌ନାଥି ୧ କୋଟିନୁ ଅଏତ୍‌କା ମହିଲାଙ୍କୁ ସାମିଲ୍ କରାଯାଇଛେ । ସୁଭଦ୍ରା ଯୋଜ୍‌ନାର୍ ସଫଲ୍‌ତା ଆମର୍ ଦୃଢ଼ ସଂକଳ୍ପର୍ ଗୁଟେ ବର୍‌କସ୍ ଉଦାହରଣ ଆଏ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ଆଏବା ବଛ୍‌ରେ ଭିତ୍‌ରେ ଫି ଘରେ ଝନେ ଲେଖା ଲକ୍ଷପତି ଦିଦି ଆଉ ଫି ପଂଚାୟତ୍ ନ ଝନେ ଲେଖା କୋଟିପତି ଦିଦି ତିଆର୍ କରାଯିବା ବଲି କହିଛନ୍ ।

ଯୋଗା କନେକ୍ଟ            ପି.ଆଇ.ବି.

ଆୟୁଷ୍ ମନ୍ତ୍ରଣାଲୟ ତର୍‌ଫୁ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ଆଏବା କାଏଲ୍ ବିଶ୍ୱସ୍ତରୀୟ ସମ୍ମିଳନୀ ଯୋଗା କନେକ୍ଟ ର ଆୟୋଜନ୍ କରାଯାଇଛେ । ୧୧ ନମ୍ବର୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ଆଘୋନୁ ସାରା ପୁର୍‌ଥିର୍ ଜନାଶୁନା ଯୋଗଗୁରୁ, ନୀତି ନିର୍ଦ୍ଧାରକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ବ୍ୟବସାୟୀ, ଗବେଷକ ଆଉ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ୍ ଦେଇକରି ଯୋଗର ଉପକାରିତା ବାବ୍‌ଦେ ଆଲୋଚନା କର୍‌ବେ । ଇ ଅବ୍‌ସରେ ଗଲା ୧୦ ବଛର୍ ଭିତ୍‌ରେ ଯୋଗାଭ୍ୟାସ୍ ସାରା ପୁର୍‌ଥି ନ କେନ୍ ପ୍ରକାର୍ ପ୍ରଭାବ୍ ପକେଇଛେ ସେ ବାବ୍‌ଦେ ପ୍ରସ୍ତୁତ୍ ଗୁଟେ ରିପୋର୍ଟ 'ଯୋଗ ପ୍ରଭାବ'କେ ଉନ୍ମୋଚନ୍ କରାଯିବା ।

ଯୋଗ ସଂଗମ୍ କାର୍ଯ୍ୟକ୍ରମ୍            ପି.ଆଇ.ବି.

କେନ୍ଦ୍ରୀୟ ସଂଚାର୍ ବ୍ୟୁରୋ ଆର୍ ଭାରତୀୟ ଯୋଗ ସଂସ୍ଥାନ୍ ତର୍ଫୁ ଭୁବ୍ନେଶ୍ୱର୍ ଠାନେ ଯୋଗ ସଂଗମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଯୋଗଗୁରୁମାନେ ଲୁକ୍କୁ ଭିନ୍ ଭିନ୍ ଆସନ୍ ଆଉ ପ୍ରାଣାୟାମ୍ ଅଭ୍ୟାସ୍ କରେଇଛନ୍ । ଜୀବନ୍ଥି ଯୋଗର ଉପକାରିତା ବାବ୍ଦେ ବୁଝେଇଛନ୍ । ସୂଚ୍ନା ଅନ୍ସାରେ ଆୟୁଷ୍ ମନ୍ତ୍ରଣାଳୟ ତର୍ଫୁ ନୂଆଦିଲ୍ଲୀର୍ ଜାତୀୟ ଗଣମାଧ୍ୟମ୍ କେନ୍ଦ୍ର ନ ୧୧ ନମ୍ବର୍ ଅନ୍ତର୍ଜାତୀୟ ଯୋଗ ଦିବସ୍ ଉଦ୍ଘାଟିତ୍ ହେଇଛେ ।

ରାଜ୍ୟ ସର୍କାର୍- ପୁଞ୍ଜିନିବେଶ୍ ଏକ୍ସ

ରାଏଜେ ୩ ହଜାର୍ ୮ ଶହ ୭୮ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ କର୍ବାର୍କେ ରାଜ୍ୟ ସର୍କାର୍ ମଞ୍ଜୁର୍ କରିଛନ୍ । ଇ ଟଙ୍କା ୧୧ ଟା ଜିଲ୍ଲା ନ ପ୍ଲାଷ୍ଟିକ୍, ବୟନଶିଳ୍ପ, ପର୍ଯ୍ୟଟନ୍ କ୍ଷେତ୍ରର୍ ୧୭ ଟା ପ୍ରକଳ୍ପଥି ନିବେଶ୍ କରାଯିବା । ଇତାର୍ଜରିଏ ୧୦ ହଜାର୍ ୫ ଶହ ୮୪ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ସର୍କାର୍ଙ୍କର୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଲିଜ୍ ଜମି-କନ୍ଭର୍ସେସନ୍ ଫି’ I&PR

ରାଜ୍ୟ ସର୍‌କାର୍ ଲିଜ୍‌ଥି ଥିବା ଜମିକେ ଫ୍ରି ହୋଲ୍ଡ କର୍‌ବାର୍ ଲାଗି ଥିବା କନ୍‌ଭର୍‌ସେସନ୍ ଫି' କେ କମ୍ କରିଛନ୍ । ସାଧାରଣ ପ୍ରଶାସନ୍ ବିଭାଗ୍‌ର ବିଜ୍ଞପ୍ତି ଅନ୍‌ସାରେ, ଲିଜ୍ ନେବାର୍‌କେ ହେଲେ ଏତ୍‌କେ ଲୁକ୍‌କୁ କନ୍‌ଭର୍‌ସେସନ୍ ଫି' ଆକାରେ ଜମିର୍ ବେଂଚ୍‌ମାର୍କ ଦାମ୍‌ର ୩ ପ୍ରତିଶତ୍ ଦେବାର୍‌କେ ପଡ଼୍‌ବା । ଆଘୋନୁ ଇଟା ୧୦ ପ୍ରତିଶତ୍ ଥିଲା ।

ବେସାମରିକ ଭତା ବୃଦ୍ଧି ଭୁବନେଶ୍ୱର ସମ୍ବାଦଦାତା

ରାଜ୍ୟ ସରକାର ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନକର୍ ଦିନ୍‌କିଆ ଡ୍ୟୁଟି ଭତା ଶହେ ୫୦ ଟଙ୍କାକେ ବଢ଼େଇଛନ୍ । ସେମାନଙ୍କର ତାଲିମ୍ ଭତା ଭିଲ୍ ଶହେ ୪୦ ଟଙ୍କାକେ ବଢ଼େଇଛନ୍ । ଇ ବାବଦ୍ ଗୁଟେ ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାଥି ହେଇଥିବା ବୈଠକ୍‌ଥି ଆଏଜ୍ ଅନୁମୋଦନ୍ ମିଲିଛେ । ଇ ବଢ଼୍‌ତି ଭତା ପିଛ୍‌ଲା ହିସାବେ ମଇ ମାସର୍ ୧ ତାରିଖ୍‌ନୁ ଦିଆଯିବା ।

ଗୃହରକ୍ଷୀ ଭତା ବଢ଼୍‌ଲା ହି.ସ.

ରାଜ୍ୟ ସର୍କାର୍ ଗୃହରକ୍ଷୀ ମାନ୍କର୍ ଦିନ୍କିଆ ଡ୍ୟୁଟି କଲ୍-ଅପ୍ ଭତା ୬ ଶହ ୧୨ ନୁ ୬ ଶହ ୨୩ ଟଙ୍କାକେ ବଢ଼େଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ବାବଦ୍ ପ୍ରସ୍ତାବ୍କେ ଆଏଜ୍ ଅନୁମୋଦନ୍ କରିଛନ୍ । ଇ ବଢ଼୍ତି ଭତା ପିଛ୍ଲା ହିସାବେ ଗଲା ଜାନୁଆରୀ ୧ ତାରିଖ୍ନୁ ଲାଗୁ ହେବା ବଲି ଘୋଷ୍ନା କରାଯାଇଛେ ।

ଜନପୋଷଣ୍ କେନ୍ଦ୍ର ହି.ସ.

ରାଜ୍ୟ ସର୍କାର୍ ଲୁକ୍କୁ କମ୍ ଦାମ୍ଥି ରାସନ୍ ସାମଗ୍ରୀ ଯୁଗେଇ ଦେବାର୍କେ ଫି’ ପଂଚାୟତ୍ ନ ଜନପୋଷଣ୍ କେନ୍ଦ୍ର ଖୁଲ୍ବେ ବଲି ଖାଦ୍ୟ, ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ସେ କହିଛନ୍, ପହେଲା ଖେପେ ରାଏଜେ ୫ ଟା ପୋଷଣ୍ କେନ୍ଦ୍ର ଖୁଲ୍ବାର୍ ଯୋଜ୍ନା କରାଯାଇଛେ । ମଧ୍ୟବିତ ଶ୍ରେଣୀର୍ ଲୁକ୍କୁ ଇ ଯୋଜ୍ନାଥି ସାମିଲ୍ କରାଯିବା । ଇହାଦେ ୩ କୋଟି ୨୬ ଲାଖ୍ ହିତାଧିକାରୀ ଖାଦ୍ୟ ସୁରକ୍ଷା ଯୋଜ୍ନାଥି ସାମିଲ୍ ଅଛନ୍ । ଜନପୋଷଣ୍ କେନ୍ଦ୍ର ଜରିଏ ୫୦ ଲାଖ୍ନୁ ଅଏତ୍କା ହିତାଧିକାରୀଙ୍କୁ ରିହାତି ଦରେ ରାସନ୍ ସାମଗ୍ରୀ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଜ୍ଞାନ ପୋଷ୍ଟ ବ୍ୟବସ୍ଥା ଏକ୍ସ

ଭାରତୀୟ ଡାକ୍ ବିଭାଗ୍ ତର୍‌ଫୁ ସହଜ୍ ଆଉ ସୁବିଧାଥି ପାଠ୍‌ପଢ଼ା ବହି ସଙ୍ଗେ ଧାର୍ମିକ, ସାଂସ୍କୃତିକ୍ ଆଉ ସାମାଜିକ୍ ବହିମାନ୍‌କୁ ଲୁକ୍‌କର୍ ପାଖ୍‌କେ ପଠାବାର୍ ଲାଗି ଜ୍ଞାନ ପୋଷ୍ଟ ବ୍ୟବସ୍ଥା ମୁଲ୍ କରାଯାଇଛେ । ଇ ବ୍ୟବସ୍ଥା ଜରିଏ ନୂଆଁ ଶିକ୍ଷାନୀତି ଅଧୀନ୍‌ଥି ଦେଶର୍ ସବୁ ଇଲାକାକେ ପାଠ୍‌ପଢ଼ା ବହି ପୁହୁଁଚାବାର୍ ଲାଗି ଲକ୍ଷ୍ୟ ରଖାଯାଇଛେ । ଦେଶର୍ ଫି' ପୋଷ୍ଟ୍ ଅଫିସ୍ ନ ଇ ବ୍ୟବସ୍ଥାଥି ଉପଭୋକ୍ତାମାନ୍‌କୁ ଟ୍ରାକିଂ ସୁବିଧା ଭିଲ୍ ଯୁଗେଇ ଦିଆଯିବା ବଲି ଜନାପଡ଼ିଛେ ।

ସ୍ୱାସ୍ଥ୍ୟମନ୍ତ୍ରୀ-ବର୍‌ଗଡ୍ ହି.ସ.

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ବର୍‌ଗଡ୍ ଠାନେ ଆଏଜ୍ ଜିଲ୍ଲାସ୍ତରୀୟ ବିକାଶ୍ ମେଲାକେ ଉଦ୍‌ଘାଟନ୍ କରିଛନ୍ । ରାଜ୍ୟର୍ ଗୁଟେ ବଛରର୍ ବିଜେପି ସର୍‌କାର୍‌ର ଉପଲବ୍ଧି ବାବ୍‌ଦେ ଜନେଇଛନ୍ । କେନ୍ଦ୍ର ସର୍‌କାର୍‌ଙ୍କର୍ ସମୃଦ୍ଧ କୃଷକ୍ ନୀତି, ଗରିବ୍ କଲ୍ୟାଣ୍ ଯୋଜ୍‌ନା,

ଆୟୁଷ୍ମାନ୍ ଭାରତ୍ ବାଗିର୍ ଯୋଜ୍ନା ବାବ୍ଦେ ଭିଲ୍ କହିଛନ୍ ।
ଯଦୁମଣି ଅଡିଟୋରିୟମ୍ ଠାନେ ପ୍ରଦର୍ଶିତ୍ ହସ୍ତତନ୍ତ, ହସ୍ତଶିଳ୍ପ ଦରବ୍ ବୁଲି ଦେଖ୍ବାର୍ ସହେତେ ରକ୍ତଦାନ୍ ଶିବିର୍ଥି ସାମିଲ୍ ହେଇଛନ୍ ।

ତାର୍ ଆଘୋନୁ ମୁଖ୍ୟ ଡାକ୍ତର୍ଖାନା ଠାନେ ଗୁଟେ ଜନସ୍ୱାସ୍ଥ୍ୟ ପରୀକ୍ଷାଗାରର୍ ଉଦ୍ଘାଟନ୍ କରିଛନ୍ ।

ଜିଲ୍ଲାସ୍ତରୀୟ ବିକାଶ୍ ମେଳା-କଲାହାଣ୍ଡି  କଲାହାଣ୍ଡି ସମ୍ବାଦଦାତା

ରାଜ୍ୟ ସର୍କାର୍ଙ୍କର୍ ବଛର୍ପୂର୍ତି ଅବ୍ସରେ କଲାହାଣ୍ଡି ଜିଲ୍ଲା ପ୍ରଶାସନ୍ ତର୍ଫୁ ଭବାନୀପାଟ୍ନା ଲାଲ୍ବାହାଦୂର୍ ଶାସ୍ତ୍ରୀ ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ବିକାଶ୍ ମେଳା ଆୟୋଜନ୍ କରାଯାଇଛେ । ୨ ନମ୍ବର୍ ଦିନେ ଆଏଜ୍ ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟର୍ ବିକାଶ୍ ଦିଗେ ଗଲା ୧ ବଛର୍ ଭିତ୍ରେ ସର୍କାର୍ ନେଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ବାବ୍ଦେ କହିଛନ୍ । କାର୍ଯ୍ୟକ୍ରମ୍ଥି କଲାହାଣ୍ଡି ଲୋକ୍ସଭା ସାଂସଦ୍ ମାଳବିକା ଦେବୀ, ରାଜ୍ୟସଭା ସାଂସଦ୍ ସୁଜିତ୍ କୁମାର୍, ଧର୍ମଗଡ୍ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟଯୋଷୀ,

ଜିଲ୍ଲାପାଳ୍ ସଚୀନ୍ ପାଓ୍ୱାର୍ ପ୍ରକାଶ୍ ଆଉ ଅଲଗାମାନେ ଉପସ୍ଥିତ୍ ଥିଲେ ।

ବୌଦ୍ଧ-ବିକାଶ୍ ମେଲା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କଚ୍ରୀ ପଡ଼ିଆଠାନେ ଜିଲ୍ଲାସ୍ତରୀୟ ବିକାଶ୍ ମେଲା ଉଦ୍‌ଘାଟିତ୍ ହେଇଛେ । ବୌଦ୍ଧ ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ରାଜ୍ୟ ସର୍‌କାର୍‌ଙ୍କର୍ ବଛର୍‌କର୍ ଉପଲବ୍ଧି ବାବ୍‌ଦେ କହିଛନ୍ । ଇ ଅବ୍‌ସରେ ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା ଆଉ ଅଲଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ । ମେଲାଥି ୫୦ ନୁ ଅଏତ୍‌କା ମଣ୍ଡପ୍ ଜରିଏ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ବିଭାଗ୍‌ର ସଫଲତାର୍ ବାର୍ତା ପ୍ରଦର୍ଶନ୍ କରାଯାଇଛେ ।

ବିକାଶ୍ ମେଲା-ଦେବ୍‌ଗଡ଼୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଠାନେ ଜିଲ୍ଲାସ୍ତରୀୟ ବିକାଶ୍ ମେଲାଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପୂଜାରୀ ରାଜ୍ୟ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଜନକଲ୍ୟାଣ୍‌କାରୀ କାର୍ଯ୍ୟକ୍ରମ୍

ମାନ୍‌କର୍ ବାବ୍‌ଦେ ଲୁକ୍‌କୁ ଜନେଇଥିଲେ । ଜିଲ୍ଲାର୍ ରାଜସ୍ୱ ବିଭାଗ୍ ନ ଲାଗି ରହିଥିବା ଭିନ୍ ଭିନ୍ ସମସ୍ୟା ମାନ୍‌କର୍ ଖୋବ୍ ଜଲ୍‌ଦି ସମାଧାନ୍ କରାଯିବା ବଲି ମନ୍ତ୍ରୀ କହିଛନ୍ ।

ଯାଜପୁର ଝାଡ଼ାବାନ୍ତି     ଯାଜପୁର ପ୍ରତିନିଧି

ଯାଜପୁର ଜିଲ୍ଲାନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କର ସଂଖ୍ୟା ଆଏଜ୍ ୬ ଶହକେ ବଢ଼ିଛେ । ଯାଜପୁର, ଦାନଗଦି, ସୁକିନ୍ଦା, କୋରେଇ, ଧର୍ମଶାଳା, ବ୍ୟାସନଗର ଇଲାକାର୍ ଇ ଆକ୍ରାନ୍ତମାନଙ୍କୁ ଜିଲ୍ଲାର୍ ଭିନ୍ ଭିନ୍ ଡାକ୍ତରଖାନାମାନ୍‌କେ ଭର୍ତି କରାଯାଇଛେ । ଆଏଜ୍ ସଖାଲେ ଫେର୍ ଦୁଇ ଝନ୍ ମହିଲା ଆକ୍ରାନ୍ତଙ୍କର ଜୀବନ୍ ଯାଇଛେ । ସ୍ୱାସ୍ଥ୍ୟ ସଚିବ ଅଶ୍ୱିଥି ଏସ୍ ଝାଡ଼ାବାନ୍ତି ପ୍ରଭାବିତ୍ ଇଲାକାକେ ଯାଇକରି ଥିତି ଅନୁଧ୍ୟାନ୍ କରିଛନ୍ । ଥିତି ଆଏତ୍ କର୍‌ବାର୍ ଲାଗି ତୁର୍‌ତି ସବୁ ପ୍ରକାର୍ ପଦକ୍ଷେପ୍ ନେବାର୍‌କେ ସ୍ୱାସ୍ଥ୍ୟ ବିଭାଗର୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଜଳାଶୟ ଗନ୍‌ତି     ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ନ କ୍ଷୁଦ୍ର ଜଲ୍‌ସେଚନ୍, ଜଲାଶୟ ଆଉ ଝର୍‌ନା ମାନ୍‌କର୍ ଗନ୍‌ତି ଲାଗି ଜିଲ୍ଲାସ୍ତରୀୟ ଉପକମିଟି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ର ସୂଚ୍‌ନା ଅନ୍‌ସାରେ, ଜିଲ୍ଲାର୍ ୧ ହଜାର୍ ୩ ଶହ ୧୯ ଟା ଗାଁ ନ ଥିବା କ୍ଷୁଦ୍ର ଜଲ୍‌ସେଚନ୍ ଆଉ ଜଲାଶୟର୍ ଗନ୍‌ତି କରାଯିବା । ସହରୀ ଇଲାକା ନ ଖାଲି ଜଲାଶୟ ମାନ୍‌କର୍ ଗନ୍‌ତି କରାଯିବା । ସେନ୍ତା ଜିଲ୍ଲାର୍ ସବୁ ବୃହତ୍ ଆଉ ମଧ୍ୟମ୍ ଜଲ୍‌ସେଚନ୍ ପ୍ରକଳ୍ପ ସହେତେ ଝରଣାମାନ୍‌କୁ ଭିଲ୍ ସାମିଲ୍ କରାଯିବା । ଇଥିର୍‌ଲାଗି ଜିଲ୍ଲା ପରିସଂଖ୍ୟାନ୍ କାର୍ଯ୍ୟାଲୟ ୩୨ ଝନ୍ ଯୁଆନ୍ ପିଲାଙ୍କୁ ନିଯୁକ୍ତି ଦେବାର୍‌କେ ବିଜ୍ଞାପନ୍ ବାହାର୍ କରାଯାଇଛେ । ଜୁନ୍ ୨୦ ତାରିଖ୍ ଭିତ୍‌ରେ ଇଚ୍ଛୁକ ପ୍ରାର୍ଥୀମାନେ ଆବେଦନ୍ କରିପାର୍‌ବେ । ଜଲାଶୟମାନ୍‌କର୍ ଗନ୍‌ତି କାମ୍ ଜୁଲାଇ ପହେଲା ହପ୍ତାନୁ ମୁଲ୍ କରିକରି ୬ ମାସ୍ ଭିତ୍‌ରେ ସାର୍‌ବାର୍‌କେ ବୈଠକ୍‌ନୁ ଧାରିଜ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ମୌସୁମୀ ସକ୍ରିୟ ହେବାର୍ନୁ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ହେଇପାରେ । ଇ ସମିଆଥି ପଶ୍ଚିମ ଓଡ଼ିଶା ସହେତେ କେତେଟା ଜାଗା ନ ଧୁକାଗର୍ଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।